# NATIONAL NEWS BULLETIN (ODIA)

**22 August - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଉତ୍ପାଦନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିଛି ପିଏଲ୍ଆଇ ଯୋଜନା - କହିଲେ ପ୍ରଧାନମନ୍ତ୍ରୀ ।

- ପଶ୍ଚିମବଙ୍ଗର ସୁକ୍ନାଠାରେ ବିଭିନ୍ନ ପ୍ରସଙ୍ଗ ନେଇ ଗୋର୍ଖା ନେତୃତ୍ୱଙ୍କ ସହ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଆଲୋଚନା ।

- ଚାରିବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ କେତେକ ସ୍ୱତନ୍ତ୍ର ଡୋଜ୍ ମିଶ୍ରିତ ଔଷଧ ଉତ୍ପାଦନ, ବିକ୍ରୟ ଓ ଯୋଗାଣ ଉପରେ କଟକଣା ଜାରି କଲେ ସରକାର ।

- ସୋମାଲିଆ କର୍ତ୍ତୃପକ୍ଷ ନିକଟରେ ବାଣିଜ୍ୟିକ ଜାହାଜ ଅପହରଣ ପ୍ରସଙ୍ଗ ଉତ୍ଥାପନ କଲା ଭାରତ ।

ଏବଂ

- ବିଡବ୍ଲ୍ୟୁଏଫ୍ ବ୍ୟାଡମିଣ୍ଟନ ବିଶ୍ୱକପ୍ ପ୍ରତିଯୋଗିତାର ମହିଳା ଯୋଡ଼ି ସେମିଫାଇନାଲ ମ୍ୟାଚ୍‌ରେ ଆଜି ଚୀନ୍ ଏବଂ ଭାରତ ମଧ୍ୟରେ ହେବ ମୁକାବିଲା ।

---

## ପିଏମ୍-ଇଟି ଫୋରମ୍ କନ୍‌କ୍ଲେଭ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନମୂଳକ ଯୋଜନା - ପିଏଲ୍ଆଇ ପ୍ରଚଳନ କରି ସରକାର

ଉତ୍ପାଦନ କ୍ଷେତ୍ରର ଆଭିମୁଖ୍ୟରେ ବ୍ୟାପକ ପରିବର୍ତ୍ତନ ଆଣିଛନ୍ତି । ଇକୋନୋମିକ ଟାଇମ୍ସ ୱାର୍ଲ୍ଡ ଲିଡର୍ସ ଫୋରମ୍-୨୦୨୬କୁ ଗତକାଲି ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି ଏଭଳି ସଂସ୍କାରମୂଳକ ପଦକ୍ଷେପ ଅର୍ଥନୈତିକ ଫଳାଫଳକୁ ତ୍ୱରାନ୍ୱିତ କରିଛି । ପିଏଲ୍ଆଇ ଯୋଜନା ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି ଅଢ଼େଇଲକ୍ଷ କୋଟି ଟଙ୍କାର ନିବେଶ ଏହାଦ୍ୱାରା ସମ୍ଭବ ହୋଇପାରିଛି । ୨୨ଲକ୍ଷ କୋଟି ଟଙ୍କାକୁ ଉତ୍ପାଦନ ବୃଦ୍ଧି ପାଇବା ସହ ୧୫ଲକ୍ଷ କୋଟି ଟଙ୍କାର ରପ୍ତାନୀ କ୍ଷେତ୍ର ସୃଷ୍ଟି ହୋଇପାରିଛି । ୧୪ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି ।

**V/O (PM PLI)**

ଶ୍ରୀ ମୋଦୀ କହିଛନ୍ତି ଆନ୍ତର୍ଜାତିକ ସମ୍ପ୍ରଦାୟ ଭାରତକୁ ଆର୍ଥିକ ବିକାଶ ଏବଂ ଆଶାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଭାବରେ ପରିଗଣିତ କରୁଛନ୍ତି । ୨୫କୋଟି ନାଗରିକ ଦାରିଦ୍ର୍ୟ ସୀମାରେଖାରୁ ମୁକ୍ତ ହେବା ଦେଶର ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥନୀତି କ୍ଷେତ୍ରକୁ ପ୍ରତିଫଳନ କରୁଛି । ଏହି ଅବସରରେ ଶ୍ରୀ ମୋଦୀ ସପ୍ତଧାରା ଶକ୍ତିକ୍ଷେତ୍ର ଉପରେ ଆଲୋକପାତ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ବିଭିନ୍ନ କ୍ଷେତ୍ରରେ ସଂସ୍କାରମୂଳକ ପଦକ୍ଷେପ ଜୀବନଧାରଣ ମାନରେ ସହଜତା ଆଣିବା ସହ ବିକାଶ ତ୍ୱରାନ୍ୱିତ ହେଉଛି ।

**V/O (PM Vikshit Bharat)**

## ଶାହା-ଦାର୍ଜିଲିଂ ମିଟିଂ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗୋର୍ଖା ନେତୃତ୍ୱଙ୍କ ସହ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ବୈଠକରେ ଯୋଗ ଦେଇଛନ୍ତି । ପଶ୍ଚିମବଙ୍ଗର

ଜାର୍ଜିଲିଂ ସ୍ଥିତ ସୁକନାଠାରେ ଏହି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ, ପାହାଡ଼ୀ ଅଞ୍ଚଳ ରାଷ୍ଟ୍ରମନ୍ତ୍ରୀ ବିଶାଲ ଲାମା, ମୁଖ୍ୟଶାସନ ସଚିବ ମନୋଜ ଅଗ୍ରଓ୍ୱାଲ, ବିଧାନସଭାର ୪ଜଣ ଗୋର୍ଖା ସଦସ୍ୟ ଏବଂ ଗୋର୍ଖା ନେତା ବିମଲ ଗୁରୁଙ୍ଗ, ମାନ ଘିସିଂ ତଥା ଲୋକସଭା ସଦସ୍ୟ ରାଜୁ ବିଷ୍ଟ ପ୍ରମୁଖ ଉପସ୍ଥିତ ଥିଲେ । ଗୋର୍ଖା ଜନମୁକ୍ତି ମୋର୍ଚ୍ଚା ସଭାପତି ବିମଲ ଗୁରୁଙ୍ଗ କହିଛନ୍ତି ବୈଠକରେ ସମ୍ପୂର୍ଣ୍ଣ ରାଜନୈତିକ ସମାଧାନ ସଂକ୍ରାନ୍ତ ଦୀର୍ଘଦିନର ଦାବି ଉପରେ ଆଲୋଚନା ହୋଇଛି । ତେବେ ବୈଠକର ସମ୍ପୂର୍ଣ୍ଣ ବିବରଣୀ ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ ।

ଅନ୍ୟପକ୍ଷରେ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି ଉଚ୍ଚସ୍ତରୀୟ ସିଲିଗୁଡ଼ି କରିଡର ବୈଠକ ଅନୁଷ୍ଠିତ ହେବ । ଏଥିରେ ବି.ଏସ୍.ଏଫ୍, ଏସ୍.ଏସ୍.ବି, ଆଇବି, ରାଜ୍ୟ ପୁଲିସର ବରିଷ୍ଠ ପଦାଧିକାରୀ ଏବଂ ରାଜ୍ୟ ତଥା କେନ୍ଦ୍ରୀୟ ଅଧିକାରୀ ପ୍ରମୁଖ ଯୋଗଦେବେ ।

## ଗଭ୍-ଏଫ୍‌ବିସି

ଚାରି ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ କେତେକ ସ୍ୱତନ୍ତ୍ର ଡୋଜ୍ ମିଶ୍ରିତ ଔଷଧ ଉତ୍ପାଦନ, ବିକ୍ରୟ ଏବଂ ଯୋଗାଣ ଉପରେ ସରକାର କଟକଣା ଜାରି କରିଛନ୍ତି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ କ୍ଲୋରାଫେନିରାମିନ ମାଲେଏଟ ଏବଂ ଫେନାଇଲେଫ୍ରିନ ହାଇଡ୍ରୋ

କ୍ଲୋରାଇଡ ମିଶ୍ରଣଯୁକ୍ତ ଔଷଧ ଏଥିରେ ଅନ୍ତର୍ଭୁକ୍ତ । ପିଲାଙ୍କ ସ୍ୱାସ୍ଥ୍ୟଗତ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ମନ୍ତ୍ରଣାଳୟ ସ୍ପଷ୍ଟ କରିଛି । ଏପରିକି ଔଷଧ ପ୍ରସ୍ତୁତକର୍ତ୍ତାଙ୍କୁ ପ୍ୟାକେଟ୍ ଉପରେ 'ନିର୍ଦ୍ଦିଷ୍ଟ ଡୋଜ୍ ମିଶ୍ରଣ' ୪ ବର୍ଷରୁ କମ୍ ବୟସର ପିଲାଙ୍କଠାରେ ବ୍ୟବହାର କରାଯିବ ନାହିଁ ବୋଲି ପ୍ରଚାରମୂଳକ ସୂଚନା ଦେବାକୁ କୁହାଯାଇଛି । ଗତ ଜୁନ୍ ମାସରେ ମନ୍ତ୍ରଣାଳୟ ପକ୍ଷରୁ ଦେଶବ୍ୟାପୀ ୧୬ଟି ନିର୍ଦ୍ଦିଷ୍ଟ ଡୋଜ୍ ମିଶ୍ରତ ଔଷଧର ପ୍ରସ୍ତୁତି, ବିକ୍ରୟ ଏବଂ ଯୋଗାଣ ଉପରେ ନିଷେଧାଦେଶ ଜାରି କରାଯାଇଥିଲା । ବିଶେଷଜ୍ଞ କମିଟି ଏବଂ ଔଷଧ ବୈଷୟିକ ପରାମର୍ଶଦାତା ବୋର୍ଡର ସୁପାରିଶ ଆଧାରରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ମନ୍ତ୍ରଣାଳୟ କହିଛି ।

## ଇଣ୍ଡିଆ-ସୋମାଲିଆ ସିପ୍ ହାଇଜାକ

ସୋମାଲିଆ କର୍ତ୍ତୃପକ୍ଷଙ୍କ ନିକଟରେ ଭାରତ ବାଣିଜ୍ୟିକ ଜାହାଜ ଅପହରଣ ପ୍ରସଙ୍ଗ ଉତ୍ଥାପନ କରିଛି । ୨୨ଜଣ ଭାରତୀୟ ନାବିକଙ୍କ ସହିତ ୨ଟି ବିଦେଶୀ ପତାକାବାହୀ ଜାହାଜକୁ ଅପହରଣ କରାଯାଇଛି । ଏମ୍.ଟି. ସିବୁରେ ୧୬ଜଣ ଏବଂ ଏମ୍.ଭି. ଲୁତୁଫରେ ୬ଜଣ ଭାରତୀୟ ନାବିକ ରହିଥିଲେ । ଏହି ଜାହାଜ ଗୁଡ଼ିକୁ ୟେମେନ୍ ଏବଂ ସୋମାଲିଆରୁ ପୃଥକ୍ ପୃଥକ୍ ଘଟଣା କ୍ରମରେ ସଶସ୍ତ୍ର ଜଳଦସ୍ୟୁ ଅପହରଣ କରିଥିଲେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ କେନିଆରେ ଅବସ୍ଥାପିତ ଭାରତୀୟ

ଉଚ୍ଚାୟୁକ୍ତ କହିଛନ୍ତି ସମସ୍ତ ଭାରତୀୟ ନାବିକ ସୁରକ୍ଷିତ ଅଛନ୍ତି । ସାମୁଦ୍ରିକ କ୍ଷେତ୍ର ସହ ଜଡିତ ପ୍ରତ୍ୟେକଙ୍କ ସୁରକ୍ଷା ଏବଂ କଲ୍ୟାଣକୁ ଭାରତ ଗୁରୁତ୍ୱ ପ୍ରଦାନ କରିଥାଏ ବୋଲି ସେ କହିଛନ୍ତି । ସୋମଲିଆ କର୍ତ୍ତୃପକ୍ଷଙ୍କ ସହ ଏ ସମ୍ପର୍କରେ ଆଲୋଚନା ହୋଇଥିବା ସେ ସୂଚନା ଦେଇଛନ୍ତି । ଏମ୍.ପି.ସିବୁ ଇରିତ୍ରିଆ ପତାକା ବହନ କରିଥିବାବେଳେ ଏମ୍.ଭି ଲୁତୁଫ କାମେରୁନ୍ ପତାକାବାହୀ ଜାହାଜ ରହିଥିଲା ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଗତକାଲି ଗଣମାଧ୍ୟମକୁ ସମ୍ବୋଧନ କରି କହିଛନ୍ତି ସାମୁଦ୍ରିକ କ୍ଷେତ୍ରରେ ଭାରତୀୟ ନାବିକଙ୍କ ସୁରକ୍ଷା ଚିନ୍ତା ନେଇ ସରକାର ଗୁରୁତର ସହ ପଦକ୍ଷେପ ଗ୍ରହଣ କରୁଛନ୍ତି ।

## ଟ୍ରମ୍ପ-ଫଟୋ ପରିଚୟପତ୍ର

ଆମେରିକାରେ ଭୋଟରଙ୍କ ପାଇଁ ଫଟୋ ପରିଚୟପତ୍ର ତଥା ନାଗରିକତ୍ୱର ପ୍ରମାଣକୁ ବାଧ୍ୟତାମୂଳକ କରିବା ଉପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁର୍ନବାର ଗୁରୁତ୍ୱ ପ୍ରଦାନ କରିଛନ୍ତି । ଦକ୍ଷିଣ କାରୋଲିନାସ୍ଥିତ ମିର୍‌ଟଲ ବିଚ୍‌ରେ ଏକ ରିପବ୍ଲିକାନ୍ ସମାବେଶକୁ ସମ୍ବୋଧନ କରି ଶ୍ରୀ ଟ୍ରମ୍ପ ସେଭ୍ ଆମେରିକା ଆଇନ୍ ପ୍ରସ୍ତୁତ ତଥା କାର୍ଯ୍ୟକାରୀ କରିବାକୁ ଆହ୍ୱାନ ଦେଇଛନ୍ତି । ଆସନ୍ତା ନଭେମ୍ବରରେ ଆମେରିକା କଂଗ୍ରେସ ଉପରେ ରିପବ୍ଲିକାନ ନିୟନ୍ତ୍ରଣକୁ ବଜାୟ ରଖିବା ଲକ୍ଷ୍ୟ ନେଇ ଶ୍ରୀ ଟ୍ରମ୍ପ ଏହି ନିୟମକୁ କାର୍ଯ୍ୟକାରୀ କରିବାକୁ ପକ୍ଷ

ରଖିଛନ୍ତି । ସେ କହିଛନ୍ତି ଏହି ପ୍ରସଙ୍ଗରେ ତାଙ୍କ ପ୍ରଶାସନ ସୁପ୍ରିମକୋର୍ଟରେ ବିଜୟ ହାସଲ କରିସାରିଛି । ପ୍ରସ୍ତାବିତ ଆଇନ୍ ଅନୁଯାୟୀ ପ୍ରତ୍ୟେକ ଭୋଟର ମତଦାନ ବେଳେ ଫଟୋ ପରିଚୟପତ୍ର ଉପସ୍ଥାପନ କରିବାକୁ ପଡିବ । ଏହାଦ୍ୱାରା ସେହି ଭୋଟର ଆମେରିକୀୟ ନାଗରିକ ବୋଲି ପ୍ରମାଣିତ ହୋଇପାରିବ ।

ପୂର୍ବରୁ ରାଷ୍ଟ୍ରପତି ଟ୍ରମ୍ପ ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ପଦକ୍ଷେପ ଉପରେ ଆଲୋକପାତ କରି ଭାରତର ନିର୍ବାଚନ ବ୍ୟବସ୍ଥା ଏବଂ ଭୋଟର ଚିହ୍ନଟ ପ୍ରକ୍ରିୟାର ଉଚ୍ଚ ପ୍ରଶଂସା କରିଥିଲେ ।

## ଇପିଏଫ୍‌ଓ-ଇଇସି କ୍ୟାମ୍ପେନ

କର୍ମଚାରୀ ଭବିଷ୍ୟନୀଧି ପାଣ୍ଠି ସଂଗଠନ ପ୍ରତିଷ୍ଠାନ ଗୁଡ଼ିକରୁ ଇପିଏଫ୍ ସୁବିଧାରୁ ବଞ୍ଚିତ ହେଉଥିବା କର୍ମଚାରୀଙ୍କ ପାଇଁ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ କର୍ମଚାରୀ ପଞ୍ଜିକରଣ ଅଭିଯାନ ୨୦୨୬ ବ୍ୟବହାର କରିବାକୁ ଅନୁରୋଧ କରିଛି । ଏହି ଅଭିଯାନର ଲକ୍ଷ୍ୟ ହେଉଛି ନିଯୁକ୍ତିଦାତାଙ୍କ ଦ୍ୱାରା ସ୍ୱେଚ୍ଛାକୃତ ଅନୁପାଳନକୁ ସହଜ କରିବା ସହିତ ଯୋଗ୍ୟ କର୍ମଚାରୀଙ୍କ ପାଇଁ ଭବିଷ୍ୟନିଧି ପାଣ୍ଠି, ପେନ୍‌ସନ ଏବଂ ବୀମାର ଲାଭକୁ ବିସ୍ତାର କରିବା । ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟ କହିଛି ଯେ ଇ.ଇ.ସି ୨୦୨୬ ଚଳିତବର୍ଷ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଖୋଲା

ରହିବ । ଏହି ଅଭିଯାନ ଅଧୀନରେ ଯୋଗ୍ୟ ନିଯୁକ୍ତିଦାତାମାନେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଇପିଏଫ୍ ପାଇବାରୁ ବାଦ୍ ପଡିଥିବା, ଜୀବିତ ଥିବା ଏବଂ ଘୋଷଣା ତାରିଖରେ ପ୍ରତିଷ୍ଠାନରେ ଚାକିରୀ ଜାରି ରଖିଥିବା କର୍ମଚାରୀଙ୍କୁ ପଞ୍ଜିକରଣ କରିପାରିବେ । ମନ୍ତ୍ରଣାଳୟ କହିଛି ଯେ, ନିଯୁକ୍ତିଦାତାମାନଙ୍କୁ ନିର୍ଦ୍ଧାରିତ ଅନ୍‌ଲାଇନ୍ ପଦ୍ଧତି ଦ୍ୱାରା ପଞ୍ଜିକରଣ ଏବଂ ପଠାଇବା ପ୍ରକ୍ରିୟା ଶେଷ କରିବାକୁ ବାଧ୍ୟ । ଅଭିଯାନ ଅଧୀନରେ ଯୋଗ୍ୟ କର୍ମଚାରୀଙ୍କୁ ସାମ୍ବିଧାନିକ, ସାମାଜିକ ସୁରକ୍ଷାରେ ଯୋଡ଼ିବା ସହିତ ଏକ ସୁ-ସଂହତ ବ୍ୟବସ୍ଥା ପ୍ରଦାନ କରି ପ୍ରତିଷ୍ଠାନ ଏବଂ ଶ୍ରମିକମାନଙ୍କୁ ଲାଭ ପହଞ୍ଚାଇବା ପାଇଁ ଏହା ଉଦ୍ଦିଷ୍ଟ ।

## ବ୍ୟାଡମିଣ୍ଟନ

ବିଡବ୍ଲ୍ୟୁଏଫ୍ ବ୍ୟାଡମିଣ୍ଟନ ବିଶ୍ୱକପ୍ ପ୍ରତିଯୋଗିତାରେ ଆଜି ଭାରତୀୟ ମହିଳା ଯୋଡ଼ି ତ୍ରିଶା ଜୋଲି ଏବଂ ଗାୟତ୍ରୀ ଗୋପୀଚାନ୍ଦ ସେମିଫାଇନାଲ ପର୍ଯ୍ୟାୟ ମ୍ୟାଚ୍ ଖେଳିବେ । ନୂଆଦିଲ୍ଲୀର ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ଏହି ପ୍ରତିଯୋଗିତାରେ ଆଜି ଭାରତୀୟ ମହିଳା ଯୋଡ଼ି ଚୀନ୍‌ର ଲିଉ ସେଙ୍ଗ ସୁ ଏବଂ ତାନ୍ ଲିଙ୍ଗଙ୍କ ଯୋଡ଼ିକୁ ଭେଟିବେ ।

ଏହି ଭାରତୀୟ ଯୋଡ଼ି ଚୀନର ଜିଆ ୟି ଫାନ୍ ଏବଂ ଝାଙ୍ଗ ଶୁ ଜିଆନ୍‌ଙ୍କୁ ୧୬-୨୧, ୨୧-୧୫, ୨୧-୧୩ରେ ପରାସ୍ତ କରି ସେମିଫାଇନାଲକୁ

ଉନ୍ନୀତ ହୋଇଥିଲେ। ଏହି ବିଜୟ ସହିତ, ତ୍ରିସା ଏବଂ ଗାୟତ୍ରୀ ପଦକ ନିଶ୍ଚିତ କରିଛନ୍ତି।

## ଆଇଏମ୍‌ଡି-ଓ୍ୱେଦର

ପୂର୍ବ ମଧ୍ୟପ୍ରଦେଶର ବିଭିନ୍ନ ଅଞ୍ଚଳରେ ଆଜି ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି । ଅନ୍ୟ ଅଞ୍ଚଳଗୁଡ଼ିକ ମଧ୍ୟରେ ଦିଲ୍ଲୀ, ହରିୟାଣା, ଚଣ୍ଡିଗଡ, ପଞ୍ଜାବ, ପୂର୍ବ ଉତ୍ତରପ୍ରଦେଶ, ହିମାଚଳପ୍ରଦେଶ, ଜାମ୍ମୁ-କାଶ୍ମୀର ଏବଂ ଲଦାଖରେ ମଧ୍ୟ ଆଜି ପ୍ରବଳ ବର୍ଷା ହେବା ନେଇ ବିଭାଗ ଆକଳନ କରିଛି । ଆସନ୍ତା ୨ରୁ ୩ ଦିନ ପର୍ଯ୍ୟନ୍ତ ଓଡ଼ିଶା ସମେତ, ବିହାର, ଛତିଶଗଡ, ପଶ୍ଚିବଙ୍ଗର ଉପ ହିମାଳୟ ଅଞ୍ଚଳ ଉତ୍ତରାଖଣ୍ଡ ଏବଂ ଦେଶର ଉତ୍ତର ପୂର୍ବାଞ୍ଚଳରେ ବର୍ଷା ହେବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି । ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ପୂର୍ବ କେନ୍ଦ୍ରୀୟ, ଆରବସାଗର ଏବଂ ୨୬ ତାରିଖ ପର୍ଯ୍ୟନ୍ତ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ମଧ୍ୟକୁ ନ ଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ପାଣିପାଗ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।